

# ଜୁଆଙ୍ଗ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨



# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।



(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

# ଜୁଆଙ୍ଗ



ମୂଳ ଇଂରାଜୀ :

ଅଖିଳ ବିହାରୀ ଓତା

ଅନନ୍ତ ଚରଣ ସାହୁ

ଓଡ଼ିଆ ଅନୁସୃଜନ :


ଅଖିଳ ବିହାରୀ ଓତା


ପରମାନନ୍ଦ ପଟେଲ

ପ୍ରଦୀପ୍ତ କୁମାର ସାମଲ୍



# ବାସସ୍ଥଳୀ





କିମ୍ବଦନ୍ତୀ ଅନୁସାରେ ଜୁଆଙ୍ଗମାନଙ୍କର ମୂଳମାଟି କେଉଁଝର । ସେମାନେ ପ୍ରଥମେ କେଉଁଝରର "ଜୁଆଙ୍ଗ ପୀଢ଼"ରେ ବସବାସ କରୁଥିଲେ । ସମୟକ୍ରମେ ଜୁଆଙ୍ଗମାନେ ଅନ୍ୟ ଅଞ୍ଚଳକୁ ବିସ୍ତାରିତ ହେଲେ । ବର୍ତ୍ତମାନ ଅନୁଗୁଳ ଓ ଢ଼େଙ୍କାନାଳ ଜିଲ୍ଲାରେ ମଧ୍ୟ ଜୁଆଙ୍ଗ ଜନଜାତିର ଲୋକମାନେ ବାସ କରୁଛନ୍ତି । କେଉଁଝର ଜୁଆଙ୍ଗ ପୀଢର ଜୁଆଙ୍ଗ ମାନଙ୍କୁ ଥାନିଆ କୁହାଯାଉଥିବା ବେଳେ ସେଠାରୁ ସ୍ଥାନାନ୍ତରିତ ଅଥବା ବିସ୍ତାରିତ ହୋଇ ଅନୁଗୁଳ ଅଥବା ଢେଙ୍କାନାଳ ଜିଲ୍ଲାରେ ବାସ କରୁଥିବା ଜୁଆଙ୍ଗମାନଙ୍କୁ ଭାଗୁଡ଼ିଆ କୁହାଯାଏ । ଭାଗୁଡ଼ିଆ ଶବ୍ଦର ଅର୍ଥ ପଳାତକ । ଜୁଆଙ୍ଗମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । "ଜୁଆଙ୍ଗ ପୀଢ"ରେ ବସବାସ କରୁଥିବାଜୁଆଙ୍ଗମାନଙ୍କର ଜୀବନ ଓ ଜୀବିକାର ପ୍ରମୁଖ ମାଧ୍ୟମ ହେଲା ପୋଡୁଚାଷ ।

ଜୁଆଙ୍ଗ ମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର ହେଉଛି "ମଣ୍ଡଘର", ଜୁଆଙ୍ଗ ଭାଷାରେ ଏହାକୁ ମଜାଙ୍ଗ କୁହନ୍ତି । ଏହି ମଣ୍ଡଘର ବା ମଜାଙ୍ଗ ବହୁ ପ୍ରାଚୀନ ଅନୁଷ୍ଠାନ । ଏହାସହିତ ଜୁଆଙ୍ଗ ମାନଙ୍କର ଜୀବନ ଓ ସଂସ୍କୃତି ଜଡ଼ିତ । ଜୁଆଙ୍ଗ ମାନଙ୍କର ବାସସ୍ଥଳୀ କେବଳ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଅନ୍ୟ ବର୍ଗ ବା ଜାତିର ଲୋକମାନେ ଜୁଆଙ୍ଗ ବସତିଠାରୁ କିଛି ଦୂରରେ ଅଥବା କିଛି ବାଟ ଛାଡ଼ି ଅନ୍ୟଏକ ସ୍ୱତନ୍ତ୍ର ଗାଁରେ ବସବାସ କରୁଥିବାର ଦେଖାଯାଏ । ଗଉଡ଼, ତେଲି, ଖଣ୍ଡାୟତ, ପାଣ ଓ ଅନ୍ୟଜାତିର ଲୋକମାନେ ଜୁଆଙ୍ଗମାନଙ୍କ ଠାରୁ ଦୂରରେ ରୁହନ୍ତି । ସମୟ ଯେତେ ବଦଳିଲେ ମଧ୍ୟ ଅଦ୍ୟାବଧି ଆଦିମ ଜନଜାତି ଗୋଷ୍ଠୀର ଜୁଆଙ୍ଗମାନେ ସେମାନଙ୍କ ପ୍ରାଚୀନ ସଂସ୍କୃତି; ପରମ୍ପରା, ସାମାଜିକ ମୂଲ୍ୟବୋଧ, କଳାକୌଶଳ ଆଦିକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ପାରି ନାହାଁନ୍ତି । କ୍ଷୀର ବ୍ୟବସାୟ କରୁଥିବା ଗଉଡ଼ ଗୋଷ୍ଠୀର ଲୋକମାନଙ୍କ ସହିତ ଜୁଆଙ୍ଗ ମାନଙ୍କର ଅଧିକ ସୁ-ସମ୍ପର୍କ ଥିବାର ଜଣାଯାଏ । ଜୁଆଙ୍ଗମାନେ ପାଉଡ଼ିଭୂୟାଁ ଜନଜାତିର ଲୋକମାନଙ୍କୁ ବଡ଼ଭାଇ ପରି ମାନନ୍ତି ଓ ସମ୍ମାନ ଦିଅନ୍ତି ।



ଗଉଡ଼ ଓ ଜୁଆଙ୍ଗ ମାନଙ୍କ ମଧ୍ୟରେ ସମ୍ପର୍କ ରହିଛି । ଉଭୟଙ୍କ ମଧ୍ୟରେ ସାମାଜିକ ସାଂସ୍କୃତିକ ଓ ଅର୍ଥନୈତିକ ଭାବ - ବିନିମୟ ହୁଏ । କେତେ କ୍ଷେତ୍ରରେ ଭୂୟାଁ, ବାଥୁଡ଼ି, ଗଣ୍ଡ ଓ ଅନ୍ୟ ଜାତିର ଲୋକମାନେ ଜୁଆଙ୍ଗଙ୍କ ପଡ଼ିଶା ଭାବରେ ଚଳନ୍ତି । ଜୁଆଙ୍ଗ ଓ




# ଉପକ୍ରମ


କୁଆଙ୍ଗମାନଙ୍କୁ ଆଦିମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ କରାଯାଇଛି । ସେମାନେ କେବଳ ଓଡ଼ିଶାରେ ଦେଖାଯାଆନ୍ତି । ସେମାନଙ୍କର ନିଜସ୍ୱ ଭାଷା ରହିଛି । ତାହା ଅଷ୍ଟ୍ରିକ ଭାଷା ପରିବାରର । ସେମାନଙ୍କ ଭାଷାରେ କୁଆଙ୍ଗ ଶବ୍ଦର ଅର୍ଥ ମଣିଷ । କେଉଁ ପ୍ରାଚୀନ କାଳରୁ ସେମାନେ ଓଡ଼ିଶାରେ ସ୍ଥାୟୀ ଭାବରେ ବସବାସ କରିଆସୁଛନ୍ତି । ସେମାନଙ୍କର ସମୃଦ୍ଧ ସାଂସ୍କୃତିକ ପରଂପରା ରହିଛି । କୁଆଙ୍ଗ ମାନଙ୍କର ସମାଜିକ ଓ ସାଂସ୍କୃତିକ ଜୀବନଧାରା ବେଶ୍ ରୁଚିପୂର୍ଣ୍ଣ ଓ ସୁନ୍ଦର । ସେମାନେ ଅତ୍ୟନ୍ତ ଶାନ୍ତ ଓ ସରଳ ସ୍ୱଭାବ ବିଶିଷ୍ଟ । ବାହାର ଆଗନ୍ତୁକ ମାନଙ୍କ ଆଗରେ ସେମାନେ ସେତେଟା ମୁକ୍ତ ହୋଇ ପାରନ୍ତି ନାହିଁ । ତାଙ୍କଠାରେ ମାର୍ଜିତ ବ୍ୟବହାର ଦେଖିବାକୁ ମିଳେ । ଧୀର, ସ୍ଥିର, ଶାନ୍ତ ଓ ଭଦ୍ରୋଚିତ ବ୍ୟବହାର ଭିତରେ ଟିକିଏ ଲାଜ ମିଶିଥିବାପରି ଜଣାଯାଏ । ସେମାନେ ଗୋଷ୍ଠୀଜୀବନ ଓ ଭାତୃତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି । ନିଜର ବାସସ୍ଥଳୀ, ଜନ୍ମମାଟି, ପ୍ରକୃତି ତା'ର ଶାନ୍ତ ସ୍ନିଗ୍ଧ ସବୁଜ ପରିବେଶ ଓ ସର୍ବୋପରି ସର୍ବଶକ୍ତିମାନ ଅତିପ୍ରାକୃତ ଶକ୍ତିକୁ ଭଲପାଆନ୍ତି, ବିଶ୍ୱାସ କରନ୍ତି ଓ ପୂଜା କରନ୍ତି । ସୁଖ ଦୁଃଖ, ବିପଦଆପଦରେ ପରସ୍ପରକୁ ସାହାଯ୍ୟ କରନ୍ତି । ଜଣେ ଆଉ ଜଣକର ସୁଖ ଦୁଃଖରେ ଭାଗି ହୁଏ । କେହି କାହାକୁ ନିସ୍ୱ ବା ଅସହାୟ ହେବାକୁ ଦିଅନ୍ତି ନାହିଁ । ସ୍ନେହ, ସାହଯ୍ୟ ଓ ସହାନୁଭୂତିର ଏକ ସୁନ୍ଦର ମାନବିକ ସମାଜରେ କୁଆଙ୍ଗମାନଙ୍କର ଜୀବନଶୈଳୀ ଯେତିକି ସୁନ୍ଦର ସେତିକି ରସାଣିତ ମନେହୁଏ । ନିଜର ସଂସ୍କୃତିକୁ ନେଇ ସେମାନେ ଗର୍ବ ଅନୁଭବ କରନ୍ତି ।







ପାଉଡ଼ିଭୂୟାଁ ଜନଜାତି ଉଭୟେ ଭାଇ ଭାଇ । ସମ୍ପର୍କ ନିବିଡ଼ । ଏଇ ନିବିଡ଼ତା ହୁଏତ କୌଣସି କାରଣରୁ ସ୍ଥାୟୀ ହୋଇ ପାରିଲା ନାହିଁ । ତଥାପି ଉଭୟ ଗୋଷ୍ଠୀ ମଧ୍ୟରେ ଥିବା ସମ୍ପର୍କକୁ ଅସ୍ୱୀକାର କରି ହୁଏ ନାହିଁ ।



ପ୍ରକୃତ ଜୁଆଙ୍ଗ ଗାଁ ଗୁଡ଼ିକ ପାହାଡ଼ର ଗଡ଼ାଣି ଅଥବା ଜଳଉତ୍ସ ଥିବା ଅଞ୍ଚଳରେ ଦେଖାଯାଏ । ସେହିସବୁ ଅଞ୍ଚଳରେ ଅନେକ ଛୋଟ ଛୋଟ ପଡ଼ାଗ୍ରାମ ରହିଥାଏ । ପ୍ରତି ପଡ଼ାଗ୍ରାମର ଜନ ସାଧାରରଣଙ୍କ ମଧ୍ୟରେ ଉତ୍ତମ ସାମାଜିକ ସମ୍ପର୍କ ଓ ବୁଝାମଣା ଥାଏ । ଆଗରୁ ଗୋଟିଏ ଗାଁରେ ଗୋଟିଏ ବଂଶର ଲୋକମାନେ ବାସ କରୁଥିଲେ । ଏବେ ଆଉ ସେପରି ନାହିଁ । ସମୟ ବଦଳି ଯାଇଛି । ପରିବର୍ତ୍ତିତ ପରିସ୍ଥିତିରେ ପ୍ରତ୍ୟେକ ଗୋଷ୍ଠୀର ବିସ୍ତାରହେବା ଫଳରେ ଗାଁ ମାନଙ୍କରେ ବିଭିନ୍ନ ବଂଶର ଲୋକ ଏକାଠି ବସବାସ କରୁଥିବାର ଦେଖାଯାଉଛି । ଯାହା ହେଲେବି ପ୍ରତି ଗାଁର ସ୍ୱତନ୍ତ୍ରତା ରହିଛି । ଗ୍ରାମ୍ୟ ଭିତ୍ତିକ ସାମାଜିକ ଚଳଣି ମଧ୍ୟରେ ଭିନ୍ନତା ଦୃଷ୍ଟିଗୋଚର ହୁଏ । ପ୍ରତି ଗାଁର ସ୍ୱତନ୍ତ୍ର ଗ୍ରାମ ସଭା ଥାଏ । ଗୋଟିଏ ଗାଁର ଆଭ୍ୟନ୍ତରୀଣ ପରିଚାଳନା ବ୍ୟାପାରରେ ଅନ୍ୟ ଗାଁର ଲୋକମାନେ ହସ୍ତକ୍ଷେପ କରନ୍ତି ନାହିଁ ।

ଗୋଟିଏ ଜୁଆଙ୍ଗ ଜନ ବସତିରେ ଘରଗୁଡ଼ିକ ଧାଡ଼ିକିଆ ନହୋଇ ଏଠି ସେଠି ହୋଇଥାଏ । କେତେକ ଗାଁରେ ଘର ଗୁଡ଼ିକ "ମଣ୍ଡଘର" ର ଚାରିପଟେ ଥାଏ । ମଣ୍ଡଘରର ସମ୍ମୁଖ ଭାଗରେ ରହିଥାଏ "ଗ୍ରାମଶିରୀ" । ଏଠି ଗ୍ରାମଦେବତୀ ପୂଜା ପାଆନ୍ତି ।



ଜୁଆଙ୍ଗ ମାନଙ୍କର ବିଶ୍ୱାସ ଯେ ଗ୍ରାମଶିରୀ ବା ଗ୍ରାମଦେବୀ ଗାଁରେ ବାସ କରୁଥିବା ସମସ୍ତ ଲୋକଙ୍କର ଭଲ ମନ୍ଦ, ସୁଖ ଦୁଃଖ, ହାନୀ ଲାଭ ବୁଝିବେ । ସବୁ ପ୍ରକାର ବିପଦଆପଦରୁ ରକ୍ଷା କରିବେ । ଆବଶ୍ୟକ ନିରାପତ୍ତା ଯୋଗାଇ ଦେବେ ।

ଜୁଆଙ୍ଗମାନେ ବେଳେବେଳେ ସେମାନଙ୍କର ପାରମ୍ପରିକ ବସତିସ୍ଥଳରେ ପରିବର୍ତ୍ତନ କରୁଥିବାର ଦେଖାଯାଏ । ଯଦି ଗୋଟିଏ ବସତି ଅଞ୍ଚଳରେ ଥରକୁ ଥର ଅକାଳ ମୃତ୍ୟୁ ହୁଏ ଅଥବା ବାରମ୍ବାର ଏଡ଼ାଇ ନ ହେଲାଭଳି ଦୁଃଖ ଦୁର୍ବିପାକ ମାଡ଼ି ଆସେ, ତେବେ ଜୁଆଙ୍ଗମାନେ ଆଉ ଗୋଟିଏ ନୂଆ ସ୍ଥାନରେ ସେମାନଙ୍କର ନୂତନ ବସତି ଗଢ଼ିବାକୁ ଶ୍ରେୟ ମନେ କରନ୍ତି । ଅନ୍ୟପକ୍ଷରେ ଜଙ୍ଗଲ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରୁଥିବା ଜୁଆଙ୍ଗମାନେ ଜଙ୍ଗଲ ସମ୍ପଦର ଅବକ୍ଷୟ ହେଲେ ସେମାନଙ୍କର ଅନିଚ୍ଛା ସତ୍ତ୍ୱେ ବସତି ସ୍ଥଳ ପରିବର୍ତ୍ତନ କରିବାକୁ ଏକ ପ୍ରକାର ବାଧ୍ୟ ହୋଇଥାନ୍ତି । ଗୋଟିଏ









ନୂତନ ବସତି ସ୍ଥଳ ବାଛିବା ସମୟରେ ସେମାନେ ପ୍ରଚୁର ଜଙ୍ଗଲ ସମ୍ପଦ; ସବୁଦିନିଆ ଜଳଝର ଓ ଚାଷୋପଯୋଗୀ ଜମି ଉପରେ ଗୁରୁତ୍ୱ ଦିଅନ୍ତି । ବସତିସ୍ଥଳ ପରିବର୍ତ୍ତନ ନିମନ୍ତେ ଗ୍ରାମ୍ୟ ପୂଜାରୀ 'ନାଗମ' ଧାର୍ମିକ ମୁଖ୍ୟ 'ପ୍ରଧାନ' ଓ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଷ୍ପତ୍ତି ନିଅନ୍ତି । ପରୋକ୍ଷରେ ହେଉ ଅବା ପ୍ରତ୍ୟକ୍ଷରେ ହେଉ ସବୁବେଳେ ସମସ୍ତେ ଗୋଷ୍ଠୀର ପାରମ୍ପରିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଅନ୍ତି ।

ଘର ତିଆରି କଲାବେଳେ କୁଆଙ୍ଗମାନେ ପରାମ୍ପରିକ ଗୃହନିର୍ମାଣ କଳା ଓ ସ୍ଥାପତ୍ୟକୁ ଦୃଷ୍ଟିରେ ରଖିଥାନ୍ତି । ସେମାନଙ୍କ ଦ୍ୱାରା ନିର୍ମିତ ଏକ ବଖୁରିଆ କୁଡ଼ିଆ ଘରଟିକୁ ସେମାନେ ବହୁମୁଖୀ ବ୍ୟବହାରରେ ଲଗାନ୍ତି । ସେମାନଙ୍କର ସ୍ୱତନ୍ତ୍ର ଶୟନ କକ୍ଷ ଅଥବା ବିଶ୍ରାମ କକ୍ଷ ନଥାଏ । ଶୋଇବା ; ବସା ଉଠା କରିବା ; ଜିନିଷପତ୍ର ରଖିବା ଓ ରୋଷେଇ କରିବା ଆଦି ଯାବତୀୟ ଗୃହକର୍ମ ସେଇ ଗୋଟିଏ ଘରେ କରିବାକୁ ହୁଏ । କୁଆଙ୍ଗ ଘର ଦେଖିବାକୁ ଆୟତକ୍ଷେତ୍ର ପରି ଜିନିଷ ପତ୍ର ରଖିବା ନିମନ୍ତେ ଘର ଭିତରେ କାଠର ଭାଡ଼ି ଥାଏ । ସ୍ୱାମୀ-ସ୍ତ୍ରୀ ଓ ଅବିବାହିତ ପୁତ୍ର କନ୍ୟା ମାନେ ସାଧାରଣତଃ ଗୋଟିଏ ଘରେ ଚଳିଯାଆନ୍ତି ।

କୁଆଙ୍ଗମାନେ ନିଜ ରହିବା ଘରଠାରୁ ଅଳ୍ପ ଦୂରରେ ଗୋରୁ ଗୁହାଳ ଓ ଘୁଷୁରି ଘର ତିଆରି କରିଥାନ୍ତି । ଗୁହାଳ ଘରର କାନ୍ଥରେ କାଠର ଖମ୍ଭମାନ ପୋତାଯାଇଥାଏ । ଘର ମାଟିରେ ଲିପାପୋଛା ହୁଏ । ଘର ଆଗରେ ଲମ୍ବ ବାରଣ୍ଡା ରଖାଯାଏ । ଏହି ବାରଣ୍ଡାକୁ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ବ୍ୟବହାର କରାଯାଏ । ଘରର ଚାଳରେ ବାଉଁଶ ବ୍ୟବହାର କରାଯାଏ । ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ବଣଘାସ ସାହାଯ୍ୟରେ ଘର ଛପର ହୁଏ । ପାରମ୍ପରିକ ଦୃଢ଼ ଧର୍ମ ବିଶ୍ୱାସକୁ କେନ୍ଦ୍ରକରି ନିର୍ମିତ ଘରେ ଝରକା ରଖାଯାଏ ନାହିଁ । ଏହା କୁଆଙ୍ଗ ମାନଙ୍କର ଲୋକ ବିଶ୍ୱାସ ଯେ ଘରେ ଝରକା ରଖିଲେ ସେହି ବାଟ ଦେଇ ଘର ଭିତରକୁ ଦୁଷ୍ଟ ଆତ୍ମାର ଅନୁପ୍ରବେଶ ହେବ । ଘରର ଦରଜା ଅଳ୍ପ ଉଚ୍ଚ ଓ ଅପ୍ରଶସ୍ତ । ଏହା କାଠ ଅଥବା ବାଉଁଶରେ ତିଆରି ହୋଇଥାଏ । ଘର ଭିତରେ ବା ବାହାରେ ଧାନ ଅଥବା ବାଜରା ଆଦି ଶସ୍ୟ ଅମଳ ନିମନ୍ତେ ସ୍ଥାନଟିଏ ଥାଏ । ରୋଷେଇ ଘରର ବିପରୀତ ଦିଗରେ ଘରକରଣା ସାମଗ୍ରୀମାନ ରଖିବା ନିମନ୍ତେ ଉଚ୍ଚ ଜାଗାଟିଏ ପ୍ରସ୍ତୁତ କରାଯାଇଥାଏ । ଗୃହକର୍ତ୍ତାର ଜିନିଷ ପତ୍ର ଓ ଆବଶ୍ୟକତାକୁ କେନ୍ଦ୍ର କରି ଘରର ଆକାର ନିର୍ଦ୍ଧାରିତ ହୋଇଥାଏ ।













# ଅର୍ଥନୈତିକ ସଙ୍ଗଠନ


ପୂର୍ବରୁ ଜୁଆଙ୍ଗମାନେ ପତ୍ର ନିର୍ମିତ ପୋଷାକ ପିନ୍ଧୁଥିବାର ବର୍ଣ୍ଣନା ମିଳେ । ବର୍ତ୍ତମାନ ଜୁଆଙ୍ଗ ମାନେ ସାପ୍ତାହିକ ହାଟ-ବଜାରରୁ ସାଧାରଣ ପୋଷାକ ପତ୍ର କିଣି ବ୍ୟବହାର କରୁଛନ୍ତି । ପଡ଼ୋଶୀ ଜନ ଗୋଷ୍ଠୀ ସହିତ ସମ୍ପର୍କରେ ନିବିଡ଼ତା ଆସିଲାଣି । ଅନ୍ୟଗୋଷ୍ଠୀର ଲୋକମାନଙ୍କର ଜୀବନଶୈଳୀ ଦ୍ୱାରା ଜୁଆଙ୍ଗମାନେ ବହୁମାତ୍ରାରେ ପ୍ରଭାବିତ ହୋଇ ନିଜର ପାରମ୍ପରିକ ପୋଷାକ ଓ ଅଳଙ୍କାର ପରିପାଟୀରେ ପରିବର୍ତ୍ତନ ଆଣିଲେଣି । ସେମାନେ ବ୍ୟବହାର କରୁଥିବା ଅଳଙ୍କାର ମାନଙ୍କ ମଧ୍ୟରେ ଚୁଡ଼ି, ବାହୁବନ୍ଧ, ହାତମୁଦି, ନାକ ଓ କାନ ରିଙ୍ଗ୍, ଅଣ୍ଟାସୂତା; ନାଲି ଓ ହଳଦୀ ରଙ୍ଗର ପୋହଳାଯୁକ୍ତ ସୁନ୍ଦର ସୁନ୍ଦର ବେକମାଳୀ ଆଦି ପ୍ରଧାନ । ଏହାବ୍ୟତୀତ ସେମାନେ ପାନ ପତ୍ର ଆକୃତିର ପାନପତ୍ରି ମଧ ବ୍ୟବହାର କରନ୍ତି । ବୟୋଜ୍ୟେଷ୍ଠା ମହିଳାମାନେ ପୁରୁଣାକାଳର ପାରମ୍ପରିକ ଅଳଙ୍କାରମାନ ଏବେ ମଧ ବ୍ୟବହାର କରୁଥିବାର ଦେଖାଯାଉଛି । ଶରୀରର ବିଭିନ୍ନ ସ୍ଥାନରେ ଚିତା ପକାନ୍ତି । ନୃତ୍ୟ ସମୟରେ ଅଥବା କୌଣସି ପର୍ବ ପର୍ବାଣି ପାଳନ ବେଳେ ଝିଅ-ପୁଅମାନଙ୍କୁ ପାରମ୍ପରିକ ପାନିଆଁ ଦେଇଥାନ୍ତି । ଭଲ ପାଇବାର ସ୍ମାରକ ଏଇ ପାନିଆଁ । ଝିଅମାନେ ଏଥିରେ ମୁଣ୍ଡ କୁଣ୍ଡାନ୍ତି । ଯେତେବେଳେ ସେମାନେ ବାହାରକୁ ଯାଆନ୍ତି ସାଥୀରେ ତମାଖୁ ସେବନ ପାତ୍ର ଓ ଦିଆସିଲି ନେଇଥାନ୍ତି । "ଚାଙ୍ଗୁ" ଜୁଆଙ୍ଗ ମାନଙ୍କର ମୁଖ୍ୟ ବାଦ୍ୟ । ସେମାନେ ଭାରି ଚାଙ୍ଗୁ ପ୍ରିୟ । ସବୁବେଳେ ଚାଙ୍ଗୁକୁ ପାଖେ ପାଖେ ରଖିଥାନ୍ତି । ଏହା ବ୍ୟତୀତ ମାଛଧରା ଖାପ୍, ପିଞ୍ଜରା, ଜାଲ ଆଦି ଆବଶ୍ୟକୀୟ ଗୃହ ସରଞ୍ଜାମ ମାନ ବାରଣ୍ଡା ଚାଳରେ ଟଙ୍ଗା ହୋଇଥବାର ଦେଖାଯାଏ ।


ଆର୍ଥିକ ସ୍ୱଚ୍ଛଳତା ଥିବା ଜୁଆଙ୍ଗ ଘରେ ଅଧିକ ବାସନ କୁସନ, ଆସବାବପତ୍ର ଓ ଘରକରଣା ସାମଗ୍ରୀମାନ ଦେଖିବାକୁ ମିଳେ । ସେହିପରି ବଡ଼ ବଡ଼ ଯୌଥ ପରିବାରରେ ମଧ ଅଧିକ ଘରକରଣା ସରଞ୍ଜାମ ମାନ ଥାଏ । ମୁଖ୍ୟତଃ ଜୁଆଙ୍ଗମାନେ ବେଶୀ ଜିନିଷ ରଖନ୍ତି ନାହିଁ । ବିଳାସ ବ୍ୟସନ ଠରୁ ଦୂରରେ ରହି ସାଧାରଣ ସରଳ ଜୀବନ ଯାପନ କରନ୍ତି । ଘରକରଣା ଜିନିଷ ଭିତରେ କେତୋଟି ମାଟିପାତ୍ର ହାଣ୍ଡି, ମାଠିଆ, ଇତ୍ୟାଦି, ପତ୍ରରେ ତିଆରି ଛତା ଓ ଟୋପି, ଓ ଶୋଇବା ପାଇଁ ମସିଣା ଇତ୍ୟାଦି ପ୍ରଧାନ ।












ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ଗୃହ ସରଞ୍ଜାମ ମାନଙ୍କ ମଧ୍ୟରେ କାଠ ତକିଆ, ଝାଡୁ, କୁଲା, ଧନୁ, ତୀର, ଛୁରୀ, କୁରାଢୀ, ହଳଲଙ୍ଗଳ, କୁଆଳୀ, ମଇ ଇତ୍ୟାଦି। ଏହା ବ୍ୟତୀତ କିଛି ଆଲୁମିନିୟମ ବାସନ କୁସନ, ଲଣ୍ଠନ, ଟର୍ଚ୍ଚ, ଟ୍ରଙ୍କ ଇତ୍ୟାଦି ସାମଗ୍ରୀ କୁଆଙ୍ଗ ଘରେ ଦେଖିବାକୁ ମିଳେ।


ବର୍ତ୍ତମାନ ସମାଜରେ ପ୍ଲାଷ୍ଟିକ ପଦାର୍ଥର ଚାହିଦା ବଢୁଛି । ବଜାରରେ ନାନା ପ୍ରକାର ପ୍ଲାଷ୍ଟିକ ଜିନିଷ ସୁଲଭ ଓ ଶସ୍ତାରେ ମିଳୁଛି। କୁଆଙ୍ଗମାନେ ମଧ୍ୟ ସାପ୍ତାହିକ ହାଟବଜାରରୁ ସେମାନଙ୍କ ଦୈନନ୍ଦିନ ଜୀବନରେ କାମରେ ଆସିଲାଭଳି ପ୍ଲାଷ୍ଟିକ୍ ଜିନିଷମାନ କିଣି ବ୍ୟବହାର କରୁଛନ୍ତି । ଏପରିକି କୁଆଙ୍ଗମାନେ କାଳ କାଳ ଧରି ବ୍ୟବହାର କରିଆସୁଥିବା ସୁନ୍ଦର କାରୁକାର୍ଯ୍ୟ ଖଚିତ ପାନିଆଁ ବଦଳରେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ପାନିଆଁର ଆଦର ବଢ଼ିଛି । ଅତୀତରେ ଅବିବାହିତା କୁଆଙ୍ଗ କିଶୋରୀମାନେ ପାନିଆଁ ତିଆରି କରୁଥିଲେ । ସୁନ୍ଦର ପାନିଆଁ ତିଆରି କରିବା ଏକ ସାମାଜିକ ପରମ୍ପରା ଥିଲା । ଏହା ଥିଲା ସେମାନଙ୍କର ସଂସ୍କୃତିର ଅଙ୍ଗ । କୁଆଙ୍ଗମାନେ ସକାଳୁ ଉଠନ୍ତି । ମହିଳାମାନେ ରନ୍ଧାବଢ଼ା କରିବା ଓ ଅନ୍ୟାନ୍ୟ ଘରୋଇ କାମଧନ୍ଦାରେ ଲାଗି ପଡ଼ନ୍ତି । ପୁରୁଷମାନେ ବର୍ଷ ତମାମ ମଣ୍ଡଘର ପାଖରେ ଜଳୁଥିବା ନିଆଁ ଚାରିପଟେ ସକାଳୁ ସକାଳୁ ବସି ଗପସପ ଆରମ୍ଭ କରି ଦିଅନ୍ତି। ସକାଳ ଖିଆ ଖାଇସାରିବା ପରେ ପରିବାରର ସମସ୍ତ ସଦସ୍ୟ କୃଷିକ୍ଷେତ୍ରକୁ ଅବା ଜଙ୍ଗଲକୁ ବାହାରି ପଡ଼ନ୍ତି । ଦିନ ତମାମ କାମ
















କରିବା ପାଇଁ ସାଙ୍ଗରେ ମଧ୍ୟାହ୍ନ ଭୋଜନ ନେଇଥାନ୍ତି । ସନ୍ଧ୍ୟାରେ ଯିଏ ଯାହାର କର୍ମକ୍ଷେତ୍ରରୁ ଫେରନ୍ତି । ଫେରିଲାବେଳେ ସାଙ୍ଗରେ ଶାଳପତ୍ର, ଜାଳେଣୀ କାଠ, ଫଳମୂଳ, କନ୍ଦା ଇତ୍ୟାଦି ଆଣିଥାନ୍ତି ।

କର୍ମକ୍ଷେତ୍ରରୁ ଫେରିବା ପରେ ମହିଳାମାନେ ରାତ୍ରି ଭୋଜନ ପ୍ରସ୍ତୁତ କରି ଦିଅନ୍ତି । ପୁରୁଷମାନେ ମଣ୍ଡଘରକୁ ଯାଇ ବିଶ୍ରାମ ନିଅନ୍ତି । ନିଆଁ ପାଖରେ ବସି ଶରୀରକୁ ଉଷୁମ କରନ୍ତି । ଏକାଠି ହୋଇ ନାନା ବିଷୟ ଆଲୋଚନା କରନ୍ତି । ହସ ଖୁସିରେ ସମୟ ବିତିଯାଏ । ଦିନଯାକର ହାଡ଼ଭଙ୍ଗା ପରିଶ୍ରମ ଜନିତ କ୍ଳାନ୍ତିକୁ ଭୁଲି ଯାଆନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମଣ୍ଡଘରେ ବର୍ଷାସାରା ଦିନରାତି ନିଆଁ ଜଳୁଥାଏ । ଫସଲ ଅମଳ ହୋଇ ସାରିବା ପରେ ପୁରୁଷମାନେ ଶିକାର କରିବାକୁ ଜଙ୍ଗଲକୁ ଯାଆନ୍ତି । ସେହି ସମୟରେ ମହିଳାମାନେ ଋତୁକାଳୀନ ଫଳମୂଳ, ପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହରେ ଲାଗିପଡ଼ନ୍ତି । ନିଜ ଅଞ୍ଚଳରେ ଥିବା ଜଙ୍ଗଲରୁ ସେମାନେ ବଣ କୁକୁଡ଼ା ଅଣ୍ଡା, ମୟୂର ଅଣ୍ଡା, ମହୁ, ଛତୁ, ଓ ଅନ୍ୟାନ୍ୟ କେତେକ ସ୍ୱାଦିଷ୍ଟ ଫଳ ସଂଗ୍ରହ କରି ନିଜ ବ୍ୟବହାରରେ ଲଗାନ୍ତି । ଆଗରୁ ଜୁଆଙ୍ଗମାନେ କେବଳ ଜଙ୍ଗଲ ଉପରେ ନିର୍ଭର କରି ଚଳି ଆସୁଥିଲେ ।














ଜଙ୍ଗଲର ଦ୍ରୁତ ଅବକ୍ଷୟ କାରଣରୁ ଜଙ୍ଗଲ ଉପରେ ନିର୍ଭର କରି ଚଳିବା ଆଉ ସମ୍ଭବପର ହେଉନାହିଁ । ଏବେ କୁଆଙ୍ଗମାନେ ଆଧୁନିକତା ପ୍ରତି ଆକୃଷ୍ଟ ହୋଇ ଜୀବନ ଓ ଜୀବିକାର ମାନରେ ପରିବର୍ତ୍ତନ ଆଣିଲେଣି ।

କୁଆଙ୍ଗ ଜନଜାତି ମାନଙ୍କ ମଧ୍ୟରେ ସାମାଜିକ ପରମ୍ପରା କ୍ରମେ ବୟସ ଓ ଲିଙ୍ଗ ଭେଦରେ କିଏ କେଉଁ କାମ କରିବ, ତାହା ଠିକ୍ ହୋଇଥାଏ । ମହିଳାମାନେ ମୁଖ୍ୟତଃ ଘରଭିତରର ଯାବତୀୟ ଗୃହ କର୍ମ କରନ୍ତି । ପୁରୁଷମାନେ ବାହାର କାମରେ ଲାଗନ୍ତି । ସେମାନେ କଠିନ ଶ୍ରମ ଆବଶ୍ୟକ ପଡୁଥିବା କାମ ଯଥା - ହଳ କରିବା, କାଠ ଚିରିବା, ଘର ଛପର କରିବା ଆଦି କାମ କରନ୍ତି । ବାଳକମାନେ କାମ ଧନ୍ଦାରେ ବାପାଙ୍କୁ ସାହାଯ୍ୟ କଲାବେଳେ ଝିଅମାନେ ମା'ଙ୍କୁ ସାହାଯ୍ୟ କରନ୍ତି । ଏପରିକି ବୃଦ୍ଧ ବୃଦ୍ଧାମାନେ ମଧ୍ୟ ଛୋଟ ଛୋଟ କାମରେ ଲାଗିପଡ଼ନ୍ତି । ସାଧାରଣତଃ ବୃଦ୍ଧ ବୃଦ୍ଧାମାନେ ପରିଣତ ବୟସରେ ଘର ଜଗିବା, ନାତି ନାତୁଣୀ ମାନଙ୍କୁ ପାଖରେ ରଖି ସେମାନଙ୍କ ଯତ୍ନ ନେବା ଆଦି କାମ କରନ୍ତି ।



ଶିକାର, ଖାଦ୍ୟ ସଂଗ୍ରହ, ସାଧାରଣ କୃଷି ଓ ପୋଡୁଚାଷ କରି କୁଆଙ୍ଗମାନେ ଜୀବନ ଅତିବାହିତ କରନ୍ତି । ବର୍ତ୍ତମାନ କାଳରେ କେତେକ କୁଆଙ୍ଗ କୃଷିକୁ ଜୀବନ ଧାରଣର ପ୍ରମୁଖ ମାଧ୍ୟମ ରୂପେ ଗ୍ରହଣ କରି ବିଭିନ୍ନ ପ୍ରକାର କୃଷି କର୍ମ କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । ଏହାଦ୍ୱାରା ସେମାନଙ୍କର ଅର୍ଥନୈତିକ ପ୍ରଗତି ହୋଇଛି । ସ୍ଥାନୀୟ ହାଟ ବଜାରରେ କୁଆଙ୍ଗ କୃଷକଙ୍କ ଦ୍ୱାରା ଉତ୍ପାଦିତ ପନିପରିବାର ବେଶ୍ ଚାହିଦା ରହିଛି । କୁଆଙ୍ଗମାନେ ସେମାନଙ୍କ କୃଷିକ୍ଷେତ୍ରକୁ ଚାରିଭାଗରେ ବିଭକ୍ତ କରନ୍ତି । ପୋଡୁଚାଷ କରାଯାଉଥିବା କ୍ଷେତ ବା ଜମିକୁ “ତଇଲା” କୁହାଯାଏ । ସମତଳ ଓ ଶୁଷ୍କ ଚାଷ ଉପଯୋଗୀ ଜମିକୁ “ଗୁଡ଼ା” କୁହନ୍ତି । ପନିପରିବା ହେଉଥିବା ଜମି “ବାଡ଼ି” ନାମରେ ନାମିତ । ଧାନ ଚାଷ ନିମନ୍ତେ ଉପଯୁକ୍ତ ଆର୍ଦ୍ର ଓ ଜଳସେଚିତ ଜମିକୁ “ବିଲ” କୁହାଯାଏ । “ତଇଲା” ଜମିରେ ଏକ ପ୍ରକାର ତୈଳବୀଜ ଓ ମାଣ୍ଡିଆ ଚାଷ କରାଯାଏ । ତଇଲା ଜମିକୁ ସେହି ଅଞ୍ଚଳରେ ବାସ କରୁଥିବା କୁଆଙ୍ଗ ପରିବାରମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥାଏ ।






ଯାହାଭାଗରେ ଯେଉଁ ଅଂଶ ପଡ଼େ ସେହି ଜମିରେ ସେ ଚାଷ କରେ ଓ ଉତ୍ପାଦିତ ଫସଲକୁ ନିଜେ ଅମଳ କରି ନିଜ ପରିବାର ଭରଣ ପୋଷଣ କରେ । 'ଗୁଡ଼ା' ଜମିକୁ ମଧ୍ୟ 'ତଇଲା' ପରି ଗୋଷ୍ଠୀସ୍ତରରେ ପରିବାର ପିଛା ଭାଗ କରାଯାଇଥାଏ । ପରିବାରର ସଦସ୍ୟ ସଂଖ୍ୟାକୁ କେନ୍ଦ୍ରକରି 'ଗୁଡ଼ା' ଜମିକୁ ବଣ୍ଟାଯାଏ । ବହୁ ସଦସ୍ୟ ବିଶିଷ୍ଟ ବଡ଼ ପରିବାର ଅଧିକ ତଇଲା ଓ ଗୁଡ଼ା ଜମି ପାଇଲା ବେଳେ ଅଳ୍ପ ସଦସ୍ୟ ବିଶିଷ୍ଟ ପରିବାର ଅପେକ୍ଷାକୃତ କମ୍ ଜମି ପାଇଥାନ୍ତି । ତୃତୀୟ ପ୍ରକାର ଜମି ଯାହାକୁ 'ବାଡ଼ି' କୁହାଯାଏ ସେଥିରେ ପନିପରିବା ଚାଷ, ମକାଚାଷ ଆଦି କରାଯାଏ । ସାଧାରଣତଃ ବାଡ଼ି ଘରକୁ ଲାଗିକରି ଥାଏ ।ସବୁ ପ୍ରକାର ଜମି ମଧ୍ୟରେ 'ବିଲ' ସର୍ବୋତ୍ତମ । ପ୍ରତିବର୍ଷ ଥରେ ଏହି ଆର୍ଦ୍ର ଓ ଜଳସେଚିତ ଜମିରେ ଧାନଚାଷ କରାଯାଏ । ବର୍ତ୍ତମାନ ଅଧିକ ଅମଳକ୍ଷମ ଧାନ ବର୍ଷକୁ ଦୁଇଥର କରାଯାଉଛି ।









ପୋଡୁଚାଷ କୁଆଙ୍ଗମାନଙ୍କ ମଧ୍ୟରେ ଭାରି ଲୋକପ୍ରିୟ । ଏହା ଫେବୃୟାରୀ ଓ ମାର୍ଚ୍ଚମାସ ବେଳକୁ ଆରମ୍ଭ ହୁଏ । ପ୍ରଥମେ ସମସ୍ତେ ମିଳିମିଶି ଜଙ୍ଗଲ ସଫାକରନ୍ତି । ଡାଳପତ୍ର ଶୁଖିଗଲେ ସେଥିରେ ନିଆଁ ଲଗାଇ ଦିଅନ୍ତି । ପରବର୍ତ୍ତୀ କାଳରେ ସେହି ପାଉଁଶ ମାଟିକୁ ଉର୍ବର କରେ । ଭଲ ଫସଲ ଆମଦାନୀ ହୁଏ । ପୋଡୁଚାଷ ପାଇଁ କୁଆଙ୍ଗ ଅଞ୍ଚଳରେ ବାସ କରୁଥିବା ପ୍ରତି ପରିବାରର ମୁଖ୍ୟଙ୍କ ଉପସ୍ଥିତି ଓ ଆବଶ୍ୟକତାକୁ ବିଚାର କରି ପୋଡୁକ୍ଷେତ ଆବଣ୍ଟନ ପ୍ରକ୍ରିୟା








କୁଆଙ୍ଗମାନଙ୍କର ଏକ ସାମାଜିକ ନୀତି। କ୍ଷେତ ଆବଣ୍ଟନ ପରେ ଯିଏ ଯାହାର କ୍ଷେତର ଯତ୍ନ ନିଅନ୍ତି । ମଞ୍ଜି ବୁଣିବା; ଯତ୍ନନେବା; ଜଗାରଖା କରିବା ଆଦି କାମକୁ ପରିବାରର ସଦସ୍ୟମାନେ ମିଳିମିଶି କରନ୍ତି । ଡିସେମ୍ବର ଓ ଜାନୁଆରୀ ମାସ ବେଳକୁ ଫସଲ ଅମଳ ହେବାର ବେଳ ଆସିଯାଏ । ବର୍ଷର ଅଧିକାଂଶ ସମୟ କୁଆଙ୍ଗମାନଙ୍କର 'ତଇଲା' କାମରେ କଟିଯାଏ । 'ତଇଲା'ରେ ବିଭିନ୍ନ ପ୍ରକାର ତୈଳବୀଜ ଓ ଖାଦ୍ୟଶସ୍ୟ ଉତ୍ପାଦନ କରିବା ଫଳରେ କୁଆଙ୍ଗମାନଙ୍କର ଜୀବନ ଓ ଜୀବିକା ସୁରକ୍ଷିତ ରହିବା ସହିତ ସାମାଜିକ ଓ ଆର୍ଥିକ ପ୍ରଗତି ସମ୍ଭବ ହୁଏ ।

ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ଫଳରେ କୁଆଙ୍ଗମାନଙ୍କର ଜୀବନ କ୍ରମଶଃ ଦୁର୍ବିସହ ହୋଇପଡୁଛି । ଶିକାର ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ପାରିବାରିକ ଗୁଜୁରାଣ ମେଣ୍ଟାଇବା ସହଜ ନୁହେଁ । ଯାହାହେଲେବି ଅଭାବ ସମୟରେ ସେହି ଜଙ୍ଗଲ ସମ୍ପଦକୁଆଙ୍ଗମାନଙ୍କର ସାହାଭରସା । ଜଙ୍ଗଲ ହିଁ ସେମାନଙ୍କର ଜୀବନ ।

କୁଆଙ୍ଗମାନେ ଭାରି ମାଛପ୍ରିୟ । ଆଞ୍ଚଳିକ ଜଳଉତ୍ସ ଗୁଡ଼ିକରୁ ମାଛ ଧରନ୍ତି । ବଳକା ମାଛ ହାଟ-ବଜାରରେ ବିକ୍ରି କରନ୍ତି । ମାଛବିକ୍ରିରୁ କିଛି ଅର୍ଥ ଉପାର୍ଜନ କରିବା କୁଆଙ୍ଗମାନଙ୍କର ଲକ୍ଷ୍ୟ ନୁହେଁ ମାତ୍ର ମାଛ ଧରିବାର ଏକ ଭିନ୍ନ ଆନନ୍ଦ ଓ ଆକର୍ଷଣ ରହିଛି ।













ଜୁଆଙ୍ଗମାନେ କୃଷିକାର୍ଯ୍ୟ ; ମାଛ ଧରିବା ; ଶିକାର କରିବା ; ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ସହିତ ଛେଳି, ଗାଈ, ଘୁଷୁରୀ, କୁକୁଡ଼ା ଆଦି ଗୃହପାଳିତ ପଶୁପକ୍ଷୀ ପାଳନ କରନ୍ତି । ଆବଶ୍ୟକ ସ୍ଥଳେ ହାଟ-ବଜାରରେ ବିକ୍ରିକରି କିଛି ଟଙ୍କା ରୋଜଗାର କରନ୍ତି । ବଳକା ଫସଲକୁ ଅନ୍ୟ ଉଚ୍ଚଗୋଷ୍ଠୀର ଲୋକମାନଙ୍କ ପରି ହାଟବଜାର ଅଥବା କୃଷି ସମବାୟ ପ୍ରତିଷ୍ଠାନରେ ବିକ୍ରି କରନ୍ତି । ଜୁଆଙ୍ଗମାନେ ମଜୁରୀ ଲାଗିବାକୁ ଭଲ ପଆନ୍ତି ନାହିଁ । ବର୍ତ୍ତମାନ ଯୁବ ଜୁଆଙ୍ଗମାନେ ଠିକାଦାରମାନଙ୍କ ପାଖରେ କାମ କରୁଥିବାର ଦେଖାଯାଉଛି । 'ଜୁଆଙ୍ଗ ଶ୍ରମ ସମବାୟ' ଦ୍ୱାରା ଜୁଆଙ୍ଗ ପରିବାର ଉପକୃତ ହେଉଛନ୍ତି ।













ସାଧାରଣତଃ କୁଆଙ୍ଗମାନେ ଦିନକୁ ତିନିବେଳା ଖାଆନ୍ତି । ଅଭାବ ସମୟରେ ଦିନକୁ ଦୁଇଥର ଖାଇବାକୁ ହୋଇଥାଏ । ସେମାନେ ମହୁଲ ଫୁଲରୁ ପ୍ରସ୍ତୁତ ମଦକୁ ପାନୀୟ ଭାବରେ ବ୍ୟବହାର କରନ୍ତି । ଭାତ, ମକା, ବାଜରା ଓ ବିଭିନ୍ନ ପ୍ରକାର ଫଳମୂଳ, କନ୍ଦା ସେମାନଙ୍କର ଦୈନନ୍ଦିନ ଆହାର । ଏହାବ୍ୟତୀତ ସେମାନେ ପର୍ବ ପର୍ବାଣି ପାଳନ ବେଳେ ଖଜୁରୀ ଓ ସଲପ ମଦକୁ ବ୍ୟବହାର କରନ୍ତି । ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସେମାନେ ଉପଯୁକ୍ତ ପୃଷ୍ଟିକର ସୁଷମ ଖାଦ୍ୟ ନିୟମିତ ଭାବରେ ପାଆନ୍ତି ନାହିଁ । କୁଆଙ୍ଗ ଅଞ୍ଚଳରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାର ଅନୁକୂଳ ପରିବେଶ ଓ ବ୍ୟବସ୍ଥା ନ ଥିବାରୁ ଚିକିତ୍ସାରେ ବହୁ ପ୍ରତିବନ୍ଧକ ଦେଖାଦିଏ ।

ଜୀବନ ଜୀବିକା ପାଇଁ ସେମାନଙ୍କୁ କଠୋର ପରିଶ୍ରମ କରିବାକୁ ହୁଏ । ଏବେବି ସେମାନେ ପୋଡୁଚାଷ କରିବା ସହ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରୁଛନ୍ତି । ଜନସଂଖ୍ୟା ତୁଳନାରେ କୃଷି ଉପଯୋଗୀ ଧାନଜମି ବହୁତ୍ କମ୍ । ଅର୍ଥନୈତିକ ଅନଗ୍ରସର କୁଆଙ୍ଗମାନଙ୍କ ନିମନ୍ତେ ଋଣଦାତା ସାହୁକାର ଓ ମଦବ୍ୟବସାୟୀମାନେ ନାନାପ୍ରକାର ଅସୁବିଧା ସୃଷ୍ଟିକରିବା ସହିତ ଶୋଷଣ କରିଚାଲିଛନ୍ତି । ପର୍ବପର୍ବାଣି, ବିବାହ, ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ଆଦି ସମୟରେ ଅଭାବୀ କୁଆଙ୍ଗମାନଙ୍କୁ ଋଣ କରିବାକୁ ପଡ଼େ । ସେମାନେ ଆଞ୍ଚଳିକ ଋଣଦାତାଙ୍କଠାରୁ ଋଣ ଆଣନ୍ତି । ଫସଲ ଅମଳ ପରେ ସେହି ଋଣର ସୁଧ ଓ ମୂଳ ଅର୍ଥ ପରିଶୋଧ ବାବଦକୁ ଉତ୍ପାଦିତ ଫସଲର ଅଧିକାଂଶ ଭାଗ ଦେଇ ଦେବା ଫଳରେ ଉନ୍ନତିର ମାର୍ଗ ପ୍ରତିରୋଧ ହୁଏ । କୁଆଙ୍ଗ ସମାଜର ଉନ୍ନୀତ ଅର୍ଥନୀତି ଓ ସର୍ବାଙ୍ଗୀନ ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ସରକାର ଯେତେ ଯୋଜନା ପ୍ରଣୟନ କଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଗୃହପାଳିତ ପଶୁପକ୍ଷୀ ତଥା ସ୍ଥାନୀୟ ପରିବେଶ ପରିମଳ ପ୍ରତି ଅସଚେତନତା ଯୋଗୁଁ କୁଆଙ୍ଗମାନଙ୍କର ଗ୍ରାମ ପରିବେଶ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ଜଣାଯାଏ । ପଶୁ ପକ୍ଷୀ ଓ ମଣିଷ ଗୋଟିଏ ଜଳ ଉତ୍ସର ଜଳ ବ୍ୟବହାର କରୁଥିବାରୁ ବେଳେବେଳେ ତାହା ସଂକ୍ରମିତ ହୋଇପଡ଼ିଥାଏ ।










# ଧର୍ମ

କିମ୍ବଦନ୍ତୀ ଅନୁସାରେ କୁଆଙ୍ଗମାନଙ୍କର ମୂଳମାଟି କେଉଁଝର । ସେମାନେ ପ୍ରଥମେ କେଉଁଝରର "କୁଆଙ୍ଗ ପୀଢ଼"ରେ ବସବାସ କରୁଥିଲେ । ସମୟକ୍ରମେ କୁଆଙ୍ଗମାନେ ଅନ୍ୟ ଅଞ୍ଚଳକୁ ବିସ୍ତାରିତ ହେଲେ । ବର୍ତ୍ତମାନ ଅନୁଗୁଳ ଓ ଢ଼େଙ୍କାନାଳ ଜିଲ୍ଲାରେ ମଧ୍ୟ କୁଆଙ୍ଗ ଜନଜାତିର ଲୋକମାନେ ବାସ କରୁଛନ୍ତି । କେଉଁଝର କୁଆଙ୍ଗ ପୀଢର କୁଆଙ୍ଗ ମାନଙ୍କୁ ଥାନୀଆ କୁହାଯାଉଥିବା ବେଳେ ସେଠାରୁ ସ୍ଥାନାନ୍ତରିତ ଅଥବା ବିସ୍ତାରିତ ହୋଇ ଅନୁଗୁଳ ଅଥବା ଢେଙ୍କାନାଳ ଜିଲ୍ଲାରେ ବାସ କରୁଥିବା










କୁଆଙ୍ଗମାନଙ୍କୁ ଭାଗୁଡ଼ିଆ କୁହାଯାଏ। ଭାଗୁଡ଼ିଆ ଶବ୍ଦର ଅର୍ଥ ପଳାତକ । କୁଆଙ୍ଗମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । "କୁଆଙ୍ଗ ପୀଢ"ରେ ବସବାସ କରୁଥିବାକୁଆଙ୍ଗମାନଙ୍କର ଜୀବନ ଓ ଜୀବିକାର ପ୍ରମୁଖ ମାଧ୍ୟମ ହେଲା ପୋଡୁଚାଷ ।

କୁଆଙ୍ଗ ମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର ହେଉଛି "ମଣ୍ଡଘର", କୁଆଙ୍ଗ ଭାଷାରେ ଏହାକୁ ମଜାଙ୍ଗ କୁହନ୍ତି। ଏହି ମଣ୍ଡଘର ବା ମଜାଙ୍ଗ ବହୁ ପ୍ରାଚୀନ ଅନୁଷ୍ଠାନ। ଏହାସହିତ କୁଆଙ୍ଗ ମାନଙ୍କର ଜୀବନ ଓ ସଂସ୍କୃତି



ଜଡ଼ିତ । କୁଆଙ୍ଗ ମାନଙ୍କର ବାସସ୍ଥଳୀ କେବଳ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଅନ୍ୟ ବର୍ଗ ବା ଜାତିର ଲୋକମାନେ କୁଆଙ୍ଗ ବସତିଠାରୁ କିଛି ଦୂରରେ ଅଥବା କିଛି ବାଟ ଛାଡ଼ି ଅନ୍ୟଏକ ସ୍ୱତନ୍ତ୍ର ଗାଁରେ ବସବାସ କରୁଥିବାର ଦେଖାଯାଏ । ଗଉଡ଼, ତେଲି, ଖଣ୍ଡାୟତ, ପାଣ ଓ ଅନ୍ୟଜାତିର ଲୋକମାନେ କୁଆଙ୍ଗମାନଙ୍କ ଠାରୁ ଦୂରରେ ରୁହନ୍ତି । ସମୟ ଯେତେ ବଦଳିଲେ ମଧ ଅଦ୍ୟାବଧି ଆଦିମ ଜନଜାତି ଗୋଷ୍ଠୀର କୁଆଙ୍ଗମାନେ ସେମାନଙ୍କ ପ୍ରାଚୀନ ସଂସ୍କୃତି; ପରମ୍ପରା, ସାମାଜିକ ମୂଲ୍ୟବୋଧ, କଳାକୌଶଳ ଆଦିକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ପାରି ନାହାଁନ୍ତି । କ୍ଷୀର ବ୍ୟବସାୟ କରୁଥିବା ଗଉଡ଼ ଗୋଷ୍ଠୀର ଲୋକମାନଙ୍କ ସହିତ କୁଆଙ୍ଗ ମାନଙ୍କର ଅଧିକ ସୁ-ସମ୍ପର୍କ ଥିବାର ଜଣାଯାଏ । କୁଆଙ୍ଗମାନେ ପାଉଡ଼ିଭୂୟାଁ ଜନଜାତିର ଲୋକମାନଙ୍କୁ ବଡ଼ଭାଇ ପରି ମାନନ୍ତି ଓ ସମ୍ମାନ ଦିଅନ୍ତି ।



ଗଉଡ଼ ଓ କୁଆଙ୍ଗ ମାନଙ୍କ ମଧରେ ସମ୍ପର୍କ ରହିଛି । ଉଭୟଙ୍କ ମଧରେ ସାମାଜିକ ସାଂସ୍କୃତିକ ଓ ଅର୍ଥନୈତିକ ଭାବ - ବିନିମୟ ହୁଏ । କେତେ କ୍ଷେତ୍ରରେ ଭୂୟାଁ, ବାଥୁଡ଼ି, ଗଣ୍ଡ ଓ ଅନ୍ୟ ଜାତିର ଲୋକମାନେ କୁଆଙ୍ଗଙ୍କ ପଡ଼ିଶା ଭାବରେ ଚଳନ୍ତି । କୁଆଙ୍ଗ ଓ










# ରାଜନୈତିକ ପରିଷଦ

ଦେଶରେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ପ୍ରଚଳିତ ହେଲେ ମଧ୍ୟ କୁଆଙ୍ଗମାନଙ୍କ ମଧ୍ୟରେ ଏବେବି ଫଳପ୍ରଦପାରମ୍ପରିକ ରାଜନୈତିକ ପରିଷଦରହିଛି । ଏହି ପରିଷଦର ମୁଖ୍ୟଙ୍କୁ ପ୍ରଧାନ କହନ୍ତି । ଏହି ପଦବୀଟି ବଂଶାନୁକ୍ରମିକ ନୁହେଁ । ପରିଚାଳନାଗତ ଦକ୍ଷତା ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ଜଣକୁ ପ୍ରଧାନ ଭାବରେ ବଛାଯାଏ । ରାଜନୈତିକ ପରିଷଦରେ 'ନାଗମ'ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତାଙ୍କ ମତାମତକୁ ସମ୍ମାନ ଦିଆଯାଏ । ପ୍ରତି ସାମାଜିକ କାର୍ଯ୍ୟ ଓ ବିଚାର ପ୍ରଣାଳୀରେ ପ୍ରଧାନଙ୍କୁ ଶେଷ ନିଷ୍ପତ୍ତି ନେବାକୁ ସୁଯୋଗ ଦିଆଯାଏ । କୌଣସି ଜରୁରୀ କାଳୀନ ପରିସ୍ଥିତି ଉପୁଜିଲେ ସେ ତତକାଳ ସଭା ଡ଼କାନ୍ତି । ଜନଜାତି କୁଆଙ୍ଗମାନଙ୍କ ଗୋଷ୍ଠୀରେ ନାଗମ୍‌ଙ୍କ ସ୍ଥାନ ସ୍ୱତନ୍ତ୍ର । "ଡ଼ାଙ୍ଗୁଆ" ପ୍ରଧାନଙ୍କର ସହକାରୀ ଭାବରେ କାମ କରନ୍ତି । ସେ ସଭାକୁ ଲୋକମାନଙ୍କୁ ଡକାନ୍ତି । ବାର୍ତ୍ତାବହ ଭାବରେ ଅତି ବିଶ୍ୱସ୍ତତାର ସହ କାମ କରି ନିଜର କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରନ୍ତି । ଏସବୁସତ୍ତ୍ୱେ ବିଚାର ବ୍ୟବସ୍ଥାରେ କେତେଜଣ ବରିଷ୍ଠ ବ୍ୟକ୍ତି ମଧ୍ୟ ସକ୍ରିୟ ଅଂଶଗ୍ରହଣ କରନ୍ତି । ସେମାନଙ୍କ କଥା ବା ନିଷ୍ପତ୍ତି ଅଥବା ମତାମତ ଉପରେ ରାଜନୈତିକ ପରିଷଦଗୁରୁତ୍ୱ ଆରୋପ କରେ । ସବୁବେଳେ ଉପଯୁକ୍ତ ବିଚାର ପ୍ରତି ଧ୍ୟାନ ଦିଆଯାଏ । ଦୋଷୀ ଯେପରି ଖସିନଯାଏ ସେଥିପ୍ରତି ସମସ୍ତେ ସଜାଗ ଥାଆନ୍ତି ।



ଦୋଷୀ ବ୍ୟକ୍ତି ଠାରୁ ରାଜନୈତିକ ପରିଷଦଯେଉଁ ଜୋରିମାନା ଆଦାୟ କରେ ସେହି ଅର୍ଥରେ କୁଆଙ୍ଗମାନେ ଏକାଠିମିଶି ଭୋଜିଭାତ କରନ୍ତି ଓ ମଦ୍ୟପାନ କରନ୍ତି । ଦୁଇ ବା ତତୋଧିକ କୁଆଙ୍ଗ ଗ୍ରାମ ମଧ୍ୟରେ ବିବାଦବା ଅର୍ନ୍ତଦ୍ୱନ୍ଦ ଉପୁଜିଲେ ଆନ୍ତଃ-ଗ୍ରାମ ପରିଷଦସଭା ଡ଼କାଯାଇ ତା'ର ବିହିତ ପ୍ରତିକାରର








ବ୍ୟବସ୍ଥା କରିଥାଏ । ଏହି ସମୟରେ ସର୍ଦ୍ଦାରଙ୍କ ଗୁରୁତ୍ୱ ଓ ନିରଙ୍କୁଶ କ୍ଷମତା ରହିଥାଏ। ସର୍ଦ୍ଦାରଙ୍କ ନିଷ୍ପତ୍ତିକୁ ଶେଷ ନିଷ୍ପତ୍ତି ଭାବରେ ସମସ୍ତେ ଗ୍ରହଣ କରନ୍ତି ।

"ଜୁଆଙ୍ଗ ପୀଢ" ଛଅଗୋଟି ଉପପୀଢରେ ବିଭକ୍ତ । ପ୍ରତି ଉପପୀଢର ଜଣେ ଜଣେ ସର୍ଦ୍ଦାର ଥାଆନ୍ତି । ବେଳେ ବେଳେ ସ୍ୱତନ୍ତ ଘଟଣା କ୍ରମରେ କେଉଁଝର ଜିଲ୍ଲାର ଶାସନମୁଖ୍ୟ " ଉପପୀଢ"ର ଶାସନ ମୁଖ୍ୟ ହିସାବରେ ଜଣେ 'ସର୍ଦ୍ଦାର'ଙ୍କୁ ମନୋନୀତ କରିଥାନ୍ତି । ଗ୍ରାମସ୍ତରୀୟ ଅସମାହିତ ଘଟଣାବଳୀର ବିଚାର ସର୍ଦ୍ଦାରଙ୍କ ଦ୍ୱାରା ସମାହିତ ହୁଏ । ବର୍ତ୍ତମାନ କାଳରେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାର ଦ୍ରୁତ ବିକାଶରେ ସର୍ଦ୍ଦାରମାନଙ୍କର ଭୂମିକା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ତଥାପି ଜୁଆଙ୍ଗମାନଙ୍କର ପାରଂପରିକ ରାଜନୈତିକ ପରିଷଦଓ ସରକାରଙ୍କର ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ମଧ୍ୟରେ ସୁ-ସମନ୍ୱୟ ସ୍ଥାପନ ପୂର୍ବକ ଉଭୟ ଅନୁଷ୍ଠାନର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିଛି । ଉନ୍ନୟନମୂଳକ କାର୍ଯ୍ୟରେ ୱାର୍ଡ଼ମେମ୍ବର ମାନଙ୍କର ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନେ ସମସ୍ତ ସରକାରୀ ଯୋଜନା ସଂପର୍କରେ ଜ୍ଞାନ ଆହରଣ କରିବା ସହିତ ଜନସାଧାରଣ ଓ ସରକାରୀକଳ ମଧ୍ୟରେ ସମନ୍ୱୟ ରଖିଥାନ୍ତି ।







# ଜୀବନ ଚକ୍ର

କୁଆଙ୍ଗମାନଙ୍କର ଜୀବନଧାରା ଆନନ୍ଦ ବିଷାଦଓ ଉତ୍ଥାନ - ପତନ ଦେଇ ଗତିଶୀଳ । କେଉଁଥିରେ ବ୍ୟସ୍ତ ନହୋଇ ସବୁଥିରେ ଚଳିଯିବା ଓ ଚଳେଇନେବାର ଧାରଣା ଅଥବା ମନୋବୃତ୍ତିରୁ କୁଆଙ୍ଗମାନଙ୍କର ସ୍ୱତନ୍ତ୍ରତା ବାରି ହୋଇପଡ଼େ । ବଂଶରକ୍ଷା ନିମନ୍ତେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି । ବିବାହ ପରବର୍ତ୍ତୀ କାଳରେ କୁଆଙ୍ଗ ମହିଳାଟିଏ ମା' ହେବାପାଇଁ ମନ ବଳାଏ । ସେମାନେ ପୁଅ ଓ ଝିଅ ମଧ୍ୟରେ ବେଶୀ ପ୍ରଭେଦଦେଖନ୍ତି ନାହିଁ । ପୁଅ ହେଉ ଅବା ଝିଅ ହେଉ, ସନ୍ତାନଟିଏ ଲୋଡ଼ା । ପରିବାରକୁ ନୂଆ ସଦସ୍ୟଟିଏ ଆସିଲେ ସଂସାର ହସିଉଠେ । ତଥାପି କୁଆଙ୍ଗ ପୁରୁଷ ପୁଅମାନଙ୍କ ଉପରେ ଅଧିକ ପ୍ରାଧାନ୍ୟ ଦିଅନ୍ତି । ପୁଅଟିଏ ଜନ୍ମହେଲେ ବଂଶରକ୍ଷା ହେବ । ପରିବାରର ଉତ୍ତରାଧୀକାରୀ ହୋଇ ସ୍ଥାବର ଅସ୍ଥାବର ସମ୍ପତ୍ତି ଭୋଗ ଦଖଲ କରିବ ।

ବିବାହ ପରବର୍ତ୍ତୀ କାଳରେ ମହିଳାଟିଏ ଗର୍ଭବତୀ ହେବାର ଜଣାପଡ଼ିଲେ ବା ସେପରି ଲକ୍ଷଣ ପ୍ରକାଶ ପାଇଲେ ତାକୁ ଅତ୍ୟନ୍ତ ନିଷ୍ଠା ଓ ପବିତ୍ରତାର ସହିତ କେତେକ ସାମାଜିକ କାନୁନ୍, କଟକଣା ଭିତରେ ରହିବାକୁ ହୁଏ । ସନ୍ତାନ ପ୍ରସବ କାଳରେ



ଡ଼ାକ୍ତରଖାନାର ସେବିକା ବ ନର୍ସଙ୍କ ପରି ଗାଁର ଜଣେ ଅଭିଜ୍ଞା ବୟୋଜ୍ୟେଷ୍ଠା ମହିଳା ଧାଈ ଭାବରେ ସୁଖ ପ୍ରସବ ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରେ ।. ପ୍ରସବ ବେଦନା ଅଧିକ ହେଲେ ଅଥବା ପ୍ରସବ ହେବାକୁ ବିଳମ୍ବହେଲେ କେତେକ ଚେରମୂଳୀ ଔଷଧ ଖାଇବାକୁ ଦିଆଯିବା ସହିତ ଅଦୃଷ୍ଟ ଶକ୍ତିକୁ ସନ୍ତୁଷ୍ଟ ବିଧାନ କରାଯାଏ । ଜନ୍ମ ଅଶୌଚ ଛଅଦିନ ପାଳିତ ହୁଏ । ନିଜ କୁଟୁମ୍ବର ଲୋକମାନେ ଏହି ୬ ଦିନ ସମସ୍ତ ସାମାଜିକ ପରମ୍ପରାକୁ ମାନି ଚଳନ୍ତି ।











ଛଅଦିନ ବ୍ୟାପୀ ଜନ୍ମ ଅଶୌଚ ପାଳନ ପରେ ନାମଦିଆ ଉତ୍ସବ ନିମନ୍ତେ ଦିନ ବାର ଧାର୍ଯ୍ୟ ହେବାର ପରମ୍ପରା ରହିଛି । ସ୍ଥଳ ବିଶେଷରେ ଏହି ଉତ୍ସବ ପାଳନର ଅବଧିକୁ ତିନି ଚାରି ମାସ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଏ । ନାମଦିଆ ପର୍ବ ପାଳନ ସମୟରେ ବାପା ମନ ଖୁସିରେ ସାହି ଭାଇ, ଜ୍ଞାତି କୁଟୁମ୍ବ ମାନଙ୍କୁ ନିମନ୍ତ୍ରଣ କରି ଖାଦ୍ୟ ପାନୀୟର ବ୍ୟବସ୍ଥା କରନ୍ତି । ନାମ ଦେବା ସମୟରେ ଜନ୍ମିତ ସନ୍ତାନ ପୁତ୍ର



ହୋଇଥିଲେ ଅଜାଙ୍କ ନାମ ଓ କନ୍ୟା ହୋଇଥିଲେ ଆଈଙ୍କ ନାମକୁ ପୁତ୍ର କନ୍ୟାଙ୍କ ନାମ ଭାବରେ ପସନ୍ଦ କରାଯାଏ । ଏହି ପର୍ବ ଅବସରରେ ମା ମାନେ ସମସ୍ତଙ୍କ ପାଇଁ ପାରମ୍ପରିକ ଘରୋଇ ଖାଦ୍ୟ ପ୍ରସ୍ତୁତ କରନ୍ତି ।



ସନ୍ତାନକୁ ଲାଳନ ପାଳନ କରି ଭବିଷ୍ୟତରେ ଭଲ ମଣିଷ କରି ଗଢ଼ି ତୋଳିବାରେ ମା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମା ହିଁ ଶିଶୁର ପ୍ରଥମ ଶିକ୍ଷୟିତ୍ରୀ । ସମାଜରେ କିପରି ଚଳିବାକୁ ହେବ ତାହା ମା ପ୍ରଥମେ ଶିଶୁକୁ ଶିଖାଇଥାଏ । ଏ ଦିଗରେ ପରିବାରର ଅନ୍ୟାନ୍ୟ ସଦସ୍ୟ ଓ ବାପାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ପରିବାରର ସମସ୍ତେ ଜନ୍ମିତ ସନ୍ତାନର ସୁନ୍ଦର ସ୍ୱାସ୍ଥ୍ୟ ଓ ସୁଖ ସମୃଦ୍ଧ ଭବିଷ୍ୟତ କାମନା କରିବା ସହିତ ସାହାଯ୍ୟ ସହଯୋଗ କରିଥାନ୍ତି । ପିଲାମାନେ ବଡ଼ ହେଲେ ଅଥବା କିଶୋର କିଶୋରୀ ବୟସରେ ଉପନୀତ ହେଲେ ସେମାନଙ୍କୁ ମଜାଙ୍ଗ ବା ଯୁବାଘରକୁ ଯିବାର ସ୍ୱାଧୀନତା ମିଳେ । ସେଠାରେ ଯୁବକ ଯୁବତୀମାନେ ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ କରନ୍ତି । ଏ ଯୁବାଘର ଏକ ସାମାଜିକ ଅନୁଷ୍ଠାନ ।ଏହାକୁ ଏକ ସାମାଜିକ ଶିକ୍ଷାକେନ୍ଦ୍ର କହିଲେ କିଛି ଭୁଲ୍ ହେବନାହିଁ । ଏଠାରେ କିଶୋର କିଶୋରୀମାନେ ଜୀବନ ଶିକ୍ଷା ଲାଭ କରି ଭବିଷ୍ୟତ ଜୀବନକୁ କିପରି ସୁନ୍ଦର ଭାବରେ ଗଢ଼ିତୋଳିବେ ସେ ବିଷୟରେ ଚିନ୍ତା କରିବାର ଅବସର ପାଆନ୍ତି । ଜୁଆଙ୍ଗ କିଶୋରୀମାନେ ବାନ୍ଧବୀମାନଙ୍କ ଗହଣରେ ହସ ଖୁସିରେ ନାଚ ଗୀତରେ ଜୀବନ ବିତାଇବା ସହିତ ଭାବର ଆଦାନ ପ୍ରଦାନ କରି ବହୁତ କଥା






ଶିଖନ୍ତି । ଏହି ଶିକ୍ଷା ସେମାନଙ୍କ ଭବିଷ୍ୟତ ଜୀବନକୁ ସରସ ସୁନ୍ଦର କରିବାରେ ସାହାଯ୍ୟ କରେ । ଏଠାରୁ କିଶୋର - କିଶୋରୀମାନେ ସମାଜ ଜୀବନ ଓ ଗୋଷ୍ଠୀ ଜୀବନ ସହିତ ଖାପ ଖୁଆଇ ଚଳିବାର ପ୍ରେରଣା ପାଆନ୍ତି । ପ୍ରଚଳିତ ସାମାଜିକ ମୂଲ୍ୟବୋଧକୁ ସମ୍ମାନ ନେଇ ଚଳିବାର ଧାରା ଶିଖନ୍ତି । ସେମାନେ ଏଠାରେ ନାଚ, ଗୀତ ଶିଖିବା ସହିତ କୃଷି ସମ୍ବନ୍ଧୀୟ ଓ ଘରକରଣା ସମ୍ବନ୍ଧୀୟ ଅନେକ ଆବଶ୍ୟକୀୟ ସାମାଜିକ ଜ୍ଞାନ ହାସଲ କରିଥାଆନ୍ତି । ଜୁଆଙ୍ଗ କିଶୋରୀମାନେ ପନ୍ଦରରୁ ଅଠର ବର୍ଷ ମଧ୍ୟରେ ବିବାହ କରନ୍ତି ଓ କିଶୋରମାନେ କୋଡ଼ିଏରୁ ୨୩ ବର୍ଷ ବୟସ ମଧ୍ୟରେ ବିବାହ କରିଥାନ୍ତି । ବେଳେବେଳେ ସ୍ୱାମୀ ଓ ସ୍ତ୍ରୀ ଙ୍କ ବୟସ ପ୍ରାୟତଃ ସମାନ ହୋଇଥାଏ ।



ବୈବାହିକ ଜୀବନ କ୍ଷେତ୍ରରେ ଜୁଆଙ୍ଗମାନେ କେତେକ ପ୍ରଚଳିତ ସାମାଜିକ ନିୟମ ଓ ଅନୁଶାସନାବଳୀକୁ ଅନୁସରଣ କରିଥାନ୍ତି । ଅନ୍ୟାନ୍ୟ ଜନଜାତି ଗୋଷ୍ଠୀ ପରି ଜୁଆଙ୍ଗମାନେ କନ୍ୟାସୁନା ଦାବୀ କରନ୍ତି । ଏହି କନ୍ୟାସୁନା ପ୍ରଥାରେ ଗୋଟିଏ ଅଂଚଳ ଓ ଆଉ ଗୋଟିଏ ଅଂଚଳ ମଧ୍ୟରେ ଭିନ୍ନତା ପରିଦୃଷ୍ଟ ହୁଏ । ପ୍ରସ୍ତାବ ବିବାହ ; ବୁଝାମଣା ବିବାହ, ଝିକା ବିବାହ, ବିଧବା ବିବାହ ଆଦି ବହୁ ପ୍ରକାର ବିବାହପ୍ରଥା ଜୁଆଙ୍ଗ ସମାଜରେ ପ୍ରଚଳିତ । ଜୁଆଙ୍ଗ ଯୁବତୀ ବିବାହ ପରେ ତା'ର ସ୍ୱାମୀ ଘରେ ରହିବାର ପ୍ରଥା ରହିଛି । କୌଣସି ସାମାଜିକ ଗର୍ହିତ ଅପରାଧ ନ କଲେ ସ୍ୱାମୀ-ସ୍ତ୍ରୀ କେହି କାହାକୁ ଛାଡ଼ପତ୍ର ଦିଅନ୍ତି ନାହିଁ । ସ୍ୱାମୀ-ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ଉତ୍ତମ ବୁଝାମଣା ଭିତରେ ସୁଖ ଓ ଶାନ୍ତିରେ କଟିଯାଏ ।







ଶେଷଜୀବନରେ ପୁଅମାନେ ପିତାମାତା ମାନଙ୍କର ଭଲମନ୍ଦ ଦେଖନ୍ତି । ସାଧାରଣ ମୃତ୍ୟୁରେ ଶବକୁ ପୋଡ଼ି ଦିଆଯାଏ । ଅକାଳ ମୃତ୍ୟୁରେ ଶବକୁ ପୋତାଯାଏ । ମୃତ୍ୟୁର ୨ ଦିନପରେ ଶୌଚ ଉତ୍ସବ ମନାଯାଏ । ସେମାନେ ପୁନର୍ଜନ୍ମରେ ବିଶ୍ୱାସୀ । ପୂର୍ବ ପୁରୁଷର ଆତ୍ମାମାନଙ୍କୁ ନିୟମିତ ଭାବରେ ସମ୍ମାନ ଓ ସନ୍ତୋଷ କରିବାର ପରମ୍ପରା ରହିଛି ।



# ସାମାଜିକ ଜୀବନ



ପରିବାର ଏକ କ୍ଷୁଦ୍ର ସାମାଜିକ ଏକକ ଓ ସଂଗଠନ । ଏହା ସକଳ ପ୍ରକାର ସାମାଜିକ, ରାଜନୈତିକ, ଧାର୍ମିକ ଓ ଆର୍ଥିକ କାର୍ଯ୍ୟାବଳୀର କେନ୍ଦ୍ରବିନ୍ଦୁ । ମୁଖ୍ୟତଃ ଜୁଆଙ୍ଗ ସମାଜରେ ଏକକ ପରିବାର ଦେଖାଯାଏ । ପରିବାର ଏକକ । ବିବାହ ପରବର୍ତ୍ତୀ କାଳରେ ସ୍ୱାମୀ-ସ୍ତ୍ରୀ ଅଲଗା ଘରେ ଏକାଠି ବସବାସ କରନ୍ତି । ଜୁଆଙ୍ଗ ପରିବାରରେ ପିତା ପରିବାରର ମୁଖ୍ୟ । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପିତାଙ୍କର ନିଷ୍ପତ୍ତିକୁ ପରିବାରର ସମସ୍ତ ସଦସ୍ୟ ସମ୍ମାନ ଦିଅନ୍ତି ।



ବଂଶ ସଂରଚନାରେ ଜୁଆଙ୍ଗ ମାନଙ୍କର ସ୍ୱାତନ୍ତ୍ର୍ୟ ରହିଛି । ପ୍ରତି ବଂଶ ଆଞ୍ଚଳିକ ସ୍ତରରେ ବକ୍ ଭାବରେ ପରିଚିତ । ପ୍ରତି ବକ୍‌ର ସ୍ୱତନ୍ତ୍ର ଗୋତ୍ର ରହିଛି । ସମସ୍ତଙ୍କର ମୂଳଉତ୍ସ ଏକ । ଗୋଟିଏ ପୂର୍ବ ପୁରୁଷଙ୍କଠାରୁ ସମଗ୍ର ଗୋଷ୍ଠୀ ଉଦ୍‌ଭୁତ । ନିଜ ନିଜ ଗୋତ୍ରକୁ ସମସ୍ତେ ସମ୍ମାନ ଦିଅନ୍ତି । ପଶୁପକ୍ଷୀ, ବୃକ୍ଷ, ଫୁଲ, ଛତୁ, କୀଟ ଆଦିକୁ ଗୋତ୍ରର ଚିହ୍ନ ଭାବରେ ଗ୍ରହଣ କରାଯାଇଛି । ନିଜ ବଂଶ ମଧ୍ୟରେ ବିବାହ ନିଷିଦ୍ଧ । ରକ୍ତ ସମ୍ପର୍କୀୟମାନେ କୁଟୁମ୍ବ ସୂତ୍ରରେ ଆବଦ୍ଧ । ବନ୍ଧୁ ବର୍ଗ ମଧ୍ୟରେ ବିବାହ ବିଧି ପ୍ରଚଳିତ । ବିବାହ ପରେ ଜଣେ ମହିଳା ତା'ର ପୁରୁଷ ବଂଶ ଗୋତ୍ରକୁ ଗ୍ରହଣ କରେ । ସ୍ୱାମୀ-ସ୍ତ୍ରୀ କେହି କାହାର ନାଁ ଧରି ଡକାଡକି ହୁଅନ୍ତି ନାହିଁ । ସେମାନେ ସମାଜିକ ପ୍ରଥା ଓ ପରମ୍ପରାକୁ ମାନି ଚଳନ୍ତି । ସାଂସ୍କୃତିକ ମୂଲ୍ୟବୋଧ ପ୍ରତି ସମ୍ମାନ ଓ ଗୁରୁତ୍ୱ ଦିଆଯାଏ ।



ସମାଜ ଜୀବନରେ ମଜାଙ୍ଗ ବା ମଣ୍ଡଘରର ଉଲ୍ଲେଖନୀୟ ଭୂମିକା ରହିଛି । ଏହା ଜୁଆଙ୍ଗ ଜନଜୀବନର ପ୍ରାଣକେନ୍ଦ୍ର । ମଣ୍ଡଘର ପାରମ୍ପରିକ ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଭାବରେ ପରିଚିତ । ମଣ୍ଡଘରର ଆକାର ଓ ପ୍ରକାର ସାଧାରଣ ଜୁଆଙ୍ଗଘର ଠାରୁ ଅପେକ୍ଷାକୃତ ବଡ଼ । ଏହାର ତିନି କଡ଼ରେ କାନ୍ଥଥାଏ । ସମ୍ମୁଖ ଭାଗ ଖୋଲାଥାଏ ଓ





ଏଠାରେ ବଡ଼ ବାରଣ୍ଡା ରହିଥାଏ। ଏହି ଘରକୁ ଲାଗିକରି ଗ୍ରାମଦେବତୀ ଗ୍ରାମଶିରୀଙ୍କ ପୀଠ । ଏଠାରେ ଏକ ଖୋଲା ସ୍ଥାନ ଥାଏ । ଏଠାରେ ଗୋଷ୍ଠୀ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୁଏ ।

ଯୁବାଘର କାନ୍ଥ, ଖୁଣ୍ଟ ଓ କଡ଼ିରେ ସୁନ୍ଦର ସୁନ୍ଦର ପାରମ୍ପରିକ ପ୍ରାଚୀନ କଳାକୃତି ମାନ ଖୋଦିତ ହୋଇଥିବାର ଦେଖାଯାଏ । ଘର ମଧ୍ୟରେ ବିଭିନ୍ନ ବାଦ୍ୟଯନ୍ତ୍ର, ପତ୍ରଛତା, ଖଜୁରୀ ମସିଣା, କାଠ ଷ୍ଟୁଲ, ମାଠିଆ ଆଦି ରଖାଯାଇଥାଏ । ବର୍ଷତମାମ ଘରର ମଧ୍ୟ ଭାଗରେ ନିଆଁ ଜଳୁଥାଏ । ପୂଜା କୁରାଢ଼ୀକୁ ଯତ୍ନ ସହକାରେ ରଖାଯାଇଥାଏ । ମଣ୍ଡଘରର ବ୍ୟବହାର ବହୁମୁଖୀ । ଏହା ଏକ ଅଣ-ଆନୁଷ୍ଠାନିକ ପ୍ରଶିକ୍ଷଣ କେନ୍ଦ୍ର । ହସଖୁସିରେ ଏକାଠି ହେବାର ଏକ ପୀଠ । ପର୍ଯ୍ୟଟକ ଓ ସରକାରୀ କର୍ମକର୍ତ୍ତାଙ୍କ ନିମନ୍ତେ ଏକ ସୁଲଭ ବିଶ୍ରମସ୍ଥଳୀ । ଏହା ମଧ୍ୟ ଗାଁର କୋଠଘର ବା ଭଣ୍ଡାର ଘର । ଗାଁର ଅବିବାହିତ ଯୁବକମାନଙ୍କର ନିମନ୍ତେ ଏହା ଏକ ସାମୟିକ ଶୟନ କକ୍ଷ । କେତେକ ପ୍ରଚଳିତ ସାମାଜିକ ନିୟମ କାନୁନ୍‌କୁ ମାନି ଜୁଆଙ୍ଗମାନେ ପାରମ୍ପରିକ ଭାବରେ ମଣ୍ଡଘରର ପରିଚାଳନା କରି ଆସୁଛନ୍ତି । ଜୁଆଙ୍ଗ ଜନଜୀବନରେ ମଣ୍ଡଘରର ମହତ୍ତ୍ୱ ରହିଛି । ଏହା ଜୁଆଙ୍ଗ ଜନ ଜୀବନର ଗର୍ବ ଓ ଗୌରବ । ସାମାଜିକ ଓ ସାଂସ୍କୃତିକ ଜୀବନ ଚର୍ଯ୍ୟାର ପବିତ୍ର ପୀଠ ।

ଜୁଆଙ୍ଗମାନେ କଳାପ୍ରିୟ । ସେମାନଙ୍କର ନୃତ୍ୟ ଓ ସଙ୍ଗୀତ ଉଚ୍ଚକୋଟିର । ଜଙ୍ଗଲ ପାହାଡ଼ର ସୁନ୍ଦର ସବୁଜିମା ଭିତରେ ସେମାନଙ୍କର ଜୀବନ କଟେ ହସଖୁସିରେ । ଜୀବନର ସବୁକ୍ଷେତ୍ରରେ ସେମାନେ ବେଶ୍ ଶୃଙ୍ଖଳିତ । ସବୁବେଳେ ସେମାନେ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରନ୍ତି । ସେମାନଙ୍କର ବ୍ୟକ୍ତିତ୍ୱ ମାର୍ଜିତ ଓ ବହୁ ଉତ୍ତମ ସାମାଜିକ ଗୁଣାବଳୀରେ ପରିପୂର୍ଣ୍ଣ । ସେମାନଙ୍କଠାରେ ଦୃଢ଼ ପରିଚାଳନାଗତ ଦକ୍ଷତା ଦେଖାଯାଏ । ଯୁବକ ଜୁଆଙ୍ଗମାନେ ଅତି ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମନୋରମ ପାନିଆଁ ତିଆରି କରନ୍ତି । ଏହି ପାନିଆଁକୁ ସେମାନେ ପ୍ରିୟତମ ବାନ୍ଧବୀକୁ ଉପହାର ଭାବରେ ଦେଇଥାନ୍ତି । ନୃତ୍ୟ ସମୟରେ ସେମାନେ ସାମାଜିକ ମୂଲ୍ୟବୋଧକୁ ଅନୁସରଣ କରନ୍ତି । ନୃତ୍ୟ ଅବସରରେ ଯୁବକମାନେ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି । ଏହି ଆକର୍ଷଣ କ୍ରମଶଃ ଉଭୟଙ୍କୁ ଏକାଠି କରିଦିଏ । ଏହି ଆକର୍ଷଣ ଶେଷରେ ବିବାହର ରୂପନିଏ ।









# ପରିବର୍ତ୍ତନ ଓ ଉନ୍ନୟନ



ପରିବର୍ତ୍ତନ ଓ ଉନ୍ନୟନ ସବୁବେଳେ ସ୍ୱାଗତଯୋଗ୍ୟ ଓ ଅଭିନନ୍ଦନୀୟ । ଏହାଏକ ସାମାଜିକ ଧାରା । କୁଆଙ୍ଗମାନେ ଏଥିରୁ ଅଲଗା ନୁହଁନ୍ତି । ଉନ୍ନବିଂଶ ଶତକରେ କୁଆଙ୍ଗମାନେ ସାଧାରଣ ଜନଜୀବନଠାରୁ ଢ଼େର୍ ଦୂରରେ ଏକୁଟିଆ ଜୀବନ ବିତାଉଥିଲେ । ଧୀରେ ଧୀରେ ପରିବର୍ତ୍ତନର ଧାରା ସେମାନଙ୍କ ପାଖରେ ପହଞ୍ଚିଲା । ସେମାନେ ନୂଆଜୀବନପ୍ରତି ଆକୃଷ୍ଟ ହେଲେ । ବିଗତ ତିନିଦଶନ୍ଧି ସେମାନଙ୍କ ଜୀବନର ଏକ ଉଲ୍ଲେଖନୀୟ ସମୟ । ଦ୍ରୁତ ପରିବର୍ତ୍ତନର ଧାରା ଜାରି ରହିଲା । ଆଧୁନିକ ବେଶ ପୋଷାକ ଓ ଚଳଣିକୁ ସେମାନେ ମାନିନେଲେ । ବସ୍ତୁସଂସ୍କୃତିର ରଙ୍ଗୀନ ମୋହରେ ମୋହଗ୍ରସ୍ତ ହେଲେ । ସେମାନଙ୍କର ପାରମ୍ପରିକ ଜୀବନ ଶୈଳୀରେ ହିନ୍ଦୁ ସଂସ୍କୃତିର ପ୍ରଭାବ ପଡ଼ିଲା । ଦୈନନ୍ଦିନ ଜୀବନ ଓ ପରିଧାନ ପରିପାଟୀ ବଦଳିଗଲା । ଏପରିକି ପ୍ରାଚୀନ ପରମ୍ପରା ସହ ପାରମ୍ପରିକ ଦେବଦେବୀଙ୍କ ପ୍ରତି ଥିବା ଚିରାଚରିତ ଆସ୍ଥା ଓ ବିଶ୍ୱାସବୋଧରେ କ୍ରମଶଃ ପ୍ରଶ୍ନବାଚୀ ସୃଷ୍ଟି ହେଲା ।




କୁଆଙ୍ଗ ଯୁବକମାନେ ଏବେ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କଲେଣି । ପାଖ ସହରକୁ ଯାଇ ଜାଳେଣୀ କାଠ ବିକୁଛନ୍ତି । ଅଣ-ଆଦିବାସୀମାନଙ୍କ ଘରେ ଓ କ୍ଷେତରେ ଦିନ ମଜୁରିଆ ଭାବରେ କାମ କରୁଛନ୍ତି । ପାରମ୍ପରିକ କାର୍ଯ୍ୟଶୈଳୀ ଓ ଜ୍ଞାନ କୌଶଳ ତା'ର ମହତ୍ତ୍ୱ ହରାଇଲାଣି । ପୁରୁଣା ଜୀବନ









ଶୈଳୀ କ୍ରମଶଃ ଅକାମୀ ହେବାକୁ ବସିଲାଣି । ମଣ୍ଡଘରର ମର୍ଯ୍ୟାଦା ଓ ମହିମା ଆଉ ନାହିଁ । ସାମାଜିକ ପରିଚିତି ଓ ସାଂସ୍କୃତିକ ମହାନତା ଆଧୁନିକତାର ସ୍ରୋତରେ ଧୀରେ ଧୀରେ ବିଲିନ ହେବାରେ ଲାଗିଛି । ନିଜ ଜାତି, କୁଟୁମ୍ବ, ଭାଇ, ବନ୍ଧୁ, ପଡ଼ୋଶୀ ଓ ରକ୍ତସମ୍ପର୍କୀୟମାନଙ୍କ ମଧରେ ଥିବା ପାରମ୍ପରିକ ସ୍ନେହ ଓ ସୌହାର୍ଦ୍ଦ୍ୟରେ ଭଟ୍ଟା ପଡ଼ିଛି । ଗୋଟିଏ ଗାଁରେ ବସବାସ କରୁଥିବା ଲୋକମାନଙ୍କ ଭିତରେ ଅନ୍ୟକୁ ଆପଣାର କରିବାର, ଭଲ ପାଇବାର ଯେଉଁ ଆନ୍ତରିକତା ଥିଲା ତାହା ଆଉ ଦେଖିବାକୁ ମିଳେନାହିଁ । ଗାଁ ଗାଁ ଭିତରେ ଥିବା ପୂର୍ବ ସମ୍ପର୍କ ଆଉ ନାହିଁ । ଏପରିକି ପରିବାରର ସଦସ୍ୟମାନଙ୍କ ମଧରେ ଫାଟ ଦେଖାଯାଉଛି ।

ପୋଡୁଚାଷ ନିମନ୍ତେ ଉପଯୁକ୍ତ କ୍ଷେତ ଅଭାବରୁ କୁଆଙ୍ଗମାନେ ଆଧୁନିକ ଅଧିକ ଅମଳକ୍ଷମ ଚାଷ ପ୍ରଣାଳୀ ପ୍ରତି ଆକୃଷ୍ଟ ହେଲେଣି । ଫସଲରେ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରୁଛନ୍ତି । ବିଗତ ୪୦ ବର୍ଷ ଧରି କେଉଁଝରର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କୁଆଙ୍ଗମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ କାର୍ଯ୍ୟ କରି ଆସୁଛି । ଶିକ୍ଷା-କୃଷି-ଜଳସେଚନ-ମୃତ୍ତିକା ସଂରକ୍ଷଣ, ଗୃହ ନିର୍ମାଣ, ଗମନାଗମନ, ସ୍ୱାସ୍ଥ୍ୟ ଓ ପରିମଳ ଆଦି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହେଇଛି । ବର୍ତ୍ତମାନ କୁଆଙ୍ଗମାନେ ପାରମ୍ପରିକ ମୂଲ୍ୟବୋଧ ବଦଳରେ ଆଧୁନିକ ଜୀବନଶୈଳୀକୁ ଗ୍ରହଣ କରିନେଇଛନ୍ତି । ସେମାନଙ୍କୁ ମୁଖ୍ୟ ସାମାଜିକ ସ୍ରୋତରେ ମିଶେଇ ଆର୍ଥିକ ଓ ସାମାଜିକ ଉନ୍ନୟନର ଯେଉଁ ସ୍ୱପ୍ନ ଥିଲା ତାହା ସଫଳ ହେବାକୁ ଯାଉଛି । ଆର୍ଥିକ ଉନ୍ନୟନ ସହିତ ପ୍ରାଚୀନ ପରମ୍ପରା ଓ ସାଂସ୍କୃତିକ ମୂଲ୍ୟବୋଧକୁ ସଂରକ୍ଷିତ କରି ରଖିବାର ପ୍ରକ୍ରିୟା ଜାରି ରହିଛି ।









# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ






**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ଫଟୋ ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍ସଲ୍‌ଟାନ୍ସି